


# ବିର୍‌ହୋର୍





**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ**
ଭୁବନେଶ୍ୱର, ଓଡ଼ିଶା
**୨୦୧୨**

# ଅଗ୍ରଲେଖ

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

ସନ୍ତୋଷ ଷଡ଼ଙ୍ଗୀ

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**
କମିଶନର ତଥା ଶାସନ ସଚିବ

# ବିରହୋର




ମୂଳ ଇଂରାଜୀ
ଅଖିଳ ବିହାରୀ ଓତା
ତ୍ରିଲୋଚନ ସାହୁ

ଓଡ଼ିଆ ଅନୁସୃଜନ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍



# ପ୍ରସ୍ତାବନା



ବିର୍ହୋର୍ମାନେ ଯାଯାବର, ନିରାଡ଼ମ୍ବର, ଈଶ୍ୱର ଭୟାଳୁ ଓ ସ୍ୱଳ୍ପଜ୍ଞାତ ପ୍ରାଚୀନତମ ଜନଜାତି ଗୋଷ୍ଠୀ ଅନ୍ତର୍ଭୁକ୍ତ । ଏମାନେ ଗୋଷ୍ଠୀ ଜୀବନଯାପନ କରନ୍ତି । ସେମାନେ ଅର୍ଦ୍ଧ ଭ୍ରମଣଶୀଳ, ଆଦିମ ଓ ଶିକାରଜୀବୀ ଅଟନ୍ତି । ସେମାନଙ୍କ ଜୀବନ ଧାରା ଓ ଶୈଳୀ ଜଙ୍ଗଲ ପରିବେଶରେ ଆଦି ମାନବର ଚଳଣି ସଂପର୍କରେ ସୂଚନା ଦିଏ । ବିର୍ହୋର୍ ଦୁଇଟି ସ୍ୱତନ୍ତ୍ର ଶବ୍ଦର ମିଶ୍ରିତ ରୂପ । ବିର୍ ଅର୍ଥ ଜଙ୍ଗଲ । ହୋର୍(ହଲ୍ / ହଡ୍) ଅର୍ଥ ମାନବ । ଏହି କାରଣରୁ ସେମାନେ ନିଜକୁ ଜଙ୍ଗଲୀ ମଣିଷ କୁହନ୍ତି । ବସତି ଭେଦରେ ବିର୍ହୋର୍ ଜନଜାତି ମଧ୍ୟରେ ଦୁଇଟି ସାମାଜିକ ଗୋଷ୍ଠୀ ଦେଖାଯାଏ । ଗୋଟିଏ ଜାଘି ବା ସ୍ଥାୟୀ ବସତି ଗୋଷ୍ଠୀ । ଅନ୍ୟଟି ଉଥ୍‌ଲୁ ବା ଭ୍ରମଣଶୀଳ ଗୋଷ୍ଠୀ ।

ବିର୍ହୋର୍ ମାନେ ମୁଣ୍ଡା, ସାନ୍ତାଳ, ହୋ ଓ ଭୂମିଜଙ୍କ ପରି ମୂଳ ଉତ୍ସରୁ ଉଦ୍‌ଭୂତ । ସୂର୍ଯ୍ୟ ସେମାନଙ୍କ ପାଇଁ ଆଦିମୂଳ । ସେମାନେ ସୂର୍ଯ୍ୟଙ୍କର ବଂଶଧର । ଏମାନଙ୍କର କଥିତ ଭାଷା ଅଷ୍ଟ୍ରେ-ଏସିଆଟିକ୍ ଭାଷା ପରିବାରର ଏକ ଉପଭାଷା । ସାନ୍ତାଳୀ ଓ ହୋ ଭାଷା ସହିତ ସମନ୍ଧାନ୍ୱିତ । ଏମାନଙ୍କ ମଧ୍ୟରୁ ଅନେକ ଓଡ଼ିଆ ଭାଷା ସହିତ ଅଭ୍ୟସ୍ତ ।












୨୦୦୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ଏହି ସଂଖ୍ୟାନ୍ୟୂନ ଗୋଷ୍ଠୀର ସମୁଦାୟ ସଂଖ୍ୟା ୭୦୨ । ଏମାନଙ୍କ ମଧ୍ୟରୁ ୩୪୦ଜଣ ମହିଳା ଓ ୩୬୨ ଜଣ ପୁରୁଷ । ୧୯୯୧ରୁ ୨୦୦୧ ମଧ୍ୟରେ ଏହି ଗୋଷ୍ଠୀର ଜନସଂଖ୍ୟା ବୃଦ୍ଧି ହାର ନିମ୍ନମୁଖୀ (୧୪.୯୧ ପ୍ରତିଶତ) ଲିଙ୍ଗ ଭେଦରେ ପ୍ରତି ହଜାର ପୁରୁଷରେ ୯୩୯ ଜଣ ନାରୀ । ସେମାନଙ୍କ ମଧ୍ୟରେ ସାକ୍ଷରତା ହାର ଶତକଡ଼ା ୨୩.୨୦ । ପୁରୁଷ ସାକ୍ଷରତା ହାର ୨୯.୯୭% ଓ ମହିଳା ସାକ୍ଷରତା ହାର ୧୬.୨୪% ।

ଶାରୀରିକ ଗଢ଼ଣରେ ବିର୍‌ହୋର୍‌ମାନେ ଗେଡା । ସେମାନଙ୍କ ଦେହର ରଙ୍ଗ କଳା । ଲମ୍ବାଳିଆ ମୁଣ୍ଡ, ଓସାରିଆ ଚେପ୍‌ଟା ନାକ, ମୋଟା ଓଠ, କୁଞ୍ଚୁ କୁଞ୍ଚିଆ ବାଳ, ଢିଲା ବାହୁ ଓ ଧନୁ ପରି ସାମାନ୍ୟ ବଙ୍କା ଗୋଡ । ବିର୍‌ହୋର୍‌ମାନେ ବଣରୁ ମାଙ୍କଡ଼ ଧରିବାରେ ସିଦ୍ଧହସ୍ତ । ଭିନ୍ନତଃ ସେମାନଙ୍କୁ ମାଙ୍କଡ଼ିଆ ବା ମାଙ୍କିଡ଼ି ମଧ୍ୟ କହିଥାନ୍ତି । ମାଙ୍କିଡ଼ିଆ, ମାଙ୍କିଡ଼ି ଓ ବିର୍‌ହୋର୍ ତିନୋଟି ଯାକ ନାମ ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ଏହି ତିନିଗୋଷ୍ଠୀର ସଂସ୍କୃତି ଚଳଣି ଏକାପ୍ରକାରର । ତିନି ଭିନ୍ନ ନାମ ଥାଇ ଏକ ଗୋଷ୍ଠୀଭୁକ୍ତ ଏହି ଶିକାରୀଗୋଷ୍ଠୀ ମୁଣ୍ଡା ଗୋଷ୍ଠୀର ଭାଷା କହିବା ସହିତ ପରସ୍ପର ବୈବାହିକ ସଂପର୍କ ସ୍ଥାପନ କରି ସମାନ ସାଂସ୍କୃତିକ ଜୀବନଚର୍ଯ୍ୟା ଭିତରେ ଚଳନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିର୍‌ହୋର୍‌ମାନଙ୍କ ଲକ୍ଷଣକୁ ବିଗ୍ଚର କରି ସେମାନଙ୍କୁ ଜନଜାତି ତାଲିକାରେ ସ୍ଥାନ ଦେଇଛନ୍ତି । ବିଶେଷ କରି ସେମାନଙ୍କ ଠାରେ ପରିଦୃଷ୍ଟ ଅବିକଶିତ ଓ ପ୍ରାଚୀନ ଜୀବନଶୈଳୀରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସେମାନଙ୍କୁ ସ୍ୱତନ୍ତ୍ର ସହାୟତା ଦେବାପାଇଁ ଆଦିମ ଆଦିବାସୀ ଗୋଷ୍ଠୀ ଭାବରେ ଚିହ୍ନିତ କରାଯାଇଛି ।



ଗତାନୁଗତିକ ବେଶଭୂଷାରେ ସାନ୍ତାଳ, ହୋ ଓ କୋହ୍ଲ ଜନଜାତିଙ୍କ ପୋଷାକ ଶୈଳୀକୁ ସେମାନେ ଆପଣେଇ ନେଇଛନ୍ତି । ବିର୍‌ହୋର୍ ପୁରୁଷଙ୍କର ପରିଧେୟ ହେଉଛି ଅଣଓସାରିଆ ଧୋତି ଓ ଗାମୁଛା । ମହିଳାମାନେ ତନ୍ତବୁଣା ଶାଢ଼ି ପିନ୍ଧନ୍ତି । ସ୍ଥାନୀୟ ତନ୍ତୀ ଦ୍ୱାରା ପ୍ରସ୍ତୁତ ତନ୍ତବୁଣା ଛକପକା ରଙ୍ଗୀନ ବସ୍ତ୍ର ବ୍ୟବହାର କରନ୍ତି । ଆଜିକାଲି ବିର୍‌ହୋର୍ ପୁରୁଷ ପ୍ୟାଣ୍ଟ, ସାର୍ଟ ଓ ଗଞ୍ଜି ପିନ୍ଧୁଛନ୍ତି । ସେହିପରି ମହିଳାମାନେ ସାୟା ଓ ବ୍ଲାଉଜ ବ୍ୟବହାର କରୁଛନ୍ତି । ମହିଳାମାନେ ସେମାନଙ୍କ ଶରୀରକୁ ସୁନ୍ଦର ଭାବରେ ସଜେଇବା ପାଇଁ ଚିତା କୁଟାନ୍ତି ।









ମହିଳାମାନେ ସାଧାରଣତଃ ଅଳ୍ପ ଅଳଙ୍କାରରେ ନିଜ ଶରୀରକୁ ମଣ୍ଡନ କରିଥାନ୍ତି । ସେମାନେ ଟଙ୍କାମାଳ ଚୁଡ଼ି, କାଚମାଳି ଓ ଶସ୍ତା ଧାତୁ ନିର୍ମିତ ଅଳଙ୍କାର ପିନ୍ଧନ୍ତି । ବିଶେଷ କରି ପୂଜା ପରବ ଓ ଧର୍ମ ଉତ୍ସବ ପାଳନ କରାଯାଉଥିବା ସମୟରେ ଏପରି ସାଜସଜ୍ଜା ହୋଇଥିବାର ଦେଖାଯାଏ ।


























## ଭ୍ରାମ୍ୟମାଣ ବସତି :



ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଛୋଟନାଗପୁର ମାଳଭୂମି ବିର୍‌ହୋର୍‌ମାନଙ୍କର ମୂଳ ବସତି ରୂପେ ପରିଗଣିତ । ସେଠାରୁ ସେମାନେ ଓଡ଼ିଶାର ବିଭିନ୍ନ ଅଂଚଳକୁ ପ୍ରସାରିତ ହୋଇ ପାହାଡ଼, ପର୍ବତ ଓ ଜଙ୍ଗଲ ପରିବେଷ୍ଟିତ ଅଂଚଳରେ ଅସ୍ଥାୟୀ ବସତି ସ୍ଥାପନ କରି ବସବାସ କରୁଛନ୍ତି । ଏବେ ବିର୍‌ହୋର୍‌ମାନେ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ ଓଡ଼ିଶାରେ ଦେଖାଯାଆନ୍ତି । ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଏମାନେ ବଣ ଜଙ୍ଗଲରେ ଚଲାଫେରା କରନ୍ତି । ଅସ୍ଥାୟୀ ପତ୍ର କୁଡ଼ିଆରେ ରହନ୍ତି । ଏହି ପତ୍ରକୁଡ଼ିଆକୁ ସେମାନେ କୁମ୍ଭା କୁହନ୍ତି ।



ସେମାନେ ଛୋଟ ଛୋଟ ଦଳ ଗଠନ କରନ୍ତି । ପ୍ରତି ଦଳରେ ୮ରୁ ୧୫ଟି ପରିବାର ଥାଆନ୍ତି । ପରସ୍ପର ଭିତରେ ଜ୍ଞାତି କୁଟୁମ୍ବର ସଂପର୍କ ଥାଏ । ସେମାନଙ୍କର ଜୀବନ ଯାତ୍ରା ନିର୍ବାହ ପାଇଁ ପୁଷ୍ଟ ଶିଆଳୀ ଲତା ଅନ୍ୱେଷଣ ତଥା ମାଙ୍କଡ଼ ଶିକାର ଲକ୍ଷ୍ୟରେ ବାରମ୍ବାର ନିଜର ରହଣୀ ସ୍ଥଳ ପରିବର୍ତ୍ତନ କରିଥାନ୍ତି । ସ୍ଥାନାନ୍ତରଣ ସମୟରେ ସେମାନେ ରୋଗୀ, ବୃଦ୍ଧ, ଭିନ୍ନକ୍ଷମ, ପଶୁ, ପକ୍ଷୀ ଓ ବ୍ୟବହାର କରୁଥିବା ସମସ୍ତ ଘରକରଣା ଆସବାବପତ୍ରଗୁଡ଼ିକୁ ନୂତନ ବସତି ସ୍ଥଳକୁ ନେଇ ଯାଆନ୍ତି ।











ବିର୍‌ହୋର୍‌ମାନେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ ଓଡ଼ିଶାର ଅନୁଗୁଳ, ବାଲେଶ୍ୱର, ଦେଓଗଡ଼, ଢେଙ୍କାନାଳ, ଯାଜପୁର, କେଉଁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଯାଆନ୍ତି । କେବେ କେବେ ସେମାନେ ବଣ ପାହାଡ଼ ଓ ରାଜ୍ୟ ସୀମା ଅତିକ୍ରମ କରି ପଡୋଶୀ ରାଜ୍ୟକୁ ଚ୍ଲିଯାଆନ୍ତି । ଖାଦ୍ୟ ସଂଗ୍ରହ, ଦଉଡି ତିଆରି କରିବା ପାଇଁ ଶିଆଳୀ ଲତା ସଂଗ୍ରହ ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥାଏ । ଏହାବ୍ୟତୀତ ବିବାହ ନିମନ୍ତେ ଜୀବନସାଥୀ ଖୋଜିବା ମଧ ଅନ୍ୟତମ ଲକ୍ଷ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ ସେମାନେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରୁ ପଶ୍ଚିମବଙ୍ଗର ହଜାରୀବାଗ ଜିଲ୍ଲାକୁ ଓ ଝାଡଖଣ୍ଡ ରାଜ୍ୟର ଟାଟା ନଗର ଅଞ୍ଚଳକୁ ଚ୍ଲିଯାଇ ଦୁଇ ତିନି ବର୍ଷ ପରେ ପୁଣି ଫେରିଆସନ୍ତି ।

ବିର୍‌ହୋର୍‌ମାନେ ଗ୍ରାମ ସୀମାରେ ଥିବା ଜଙ୍ଗଲ ସନ୍ନିକଟ ଅଞ୍ଚଳ ଅଥବା ହାଟ ବଜାର ସୁବିଧା ଥିବା ଅଞ୍ଚଳରେ ନିଜର ଟାଣ୍ଡା ବସାଇବାକୁ ଅଧିକ ପସନ୍ଦ କରନ୍ତି । ବଜାର ନିକଟବର୍ତ୍ତୀ ଅଞ୍ଚଳରେ ବାସ କରିବାଦ୍ୱାରା ସେମାନଙ୍କୁ ଶିଆଳୀ ଲତାର ଦଉଡ଼ି ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିବାକୁ ସୁବିଧା ହୁଏ । ସେମାନେ ଯେଉଁଠି ସେଇଠି ଟାଣ୍ଡା ନ ବସାଇ ପ୍ରଥମେ ଉତ୍ତମ ଅନୁକୂଳ ପରିବେଶ ଥିବା ସୁନ୍ଦର ବାସୋପଯୋଗୀ ଜାଗାଟିଏ ବାଛନ୍ତି । ସାମାଜିକ ପରଂପରା ଅନୁଯାୟୀ ସେଠାରେ ଧାର୍ମିକ ପୂଜା କର୍ମ ସଂପାଦନ କରି କୁମ୍ଭା ତିଆରି କରନ୍ତି । ଗୋଟିଏ ଟାଣ୍ଡାରେ ପ୍ରାୟତଃ ୧୦ ବା ୧୨ଟି ପରିବାରର କୁମ୍ଭା ନିର୍ମିତ ହୋଇଥାଏ । ଏଥିରେ ପ୍ରାୟ ୫୦ ପାଖାପାଖି ଲୋକ ବାସ କରିବାର ଦେଖାଯାଏ । ପ୍ରତି ପରିବାର ସେମାନଙ୍କ ନିଜର କୁମ୍ଭା (ପତ୍ର କୁଡ଼ିଆ) ତିଆରି କରିଥାନ୍ତି । ଏହାବ୍ୟତୀତ ପୂର୍ବପୁରୁଷଙ୍କ ଆତ୍ମାଙ୍କ ରହଣୀସ୍ଥଳ ଭାବରେ ଛୋଟ କୁମ୍ଭାଟିଏ ଥାଏ । ଅବିବାହିତ ଯୁବକମାନେ ଡୁଗୁଲାରେ ଓ ଅବିବାହିତା ଯୁବତୀମାନେ କୁଡି ଅଡାରେ ରାତ୍ରି ଯାପନ କରନ୍ତି ।











ବର୍ଷାଋତୁ ତୁଳନାରେ ଗ୍ରୀଷ୍ମ ଓ ଶୀତ ଋତୁରେ ବିର୍ହୋର୍ମାନେ ସେମାନଙ୍କର ବସତିସ୍ଥାନପରିବର୍ତ୍ତନ କରନ୍ତି । ମୌସୁମୀ ସମୟରେ ସେମାନେ ନିଜର ବସତିସ୍ଥଳ ବାରମ୍ବାର ନ ବଦଳାଇ ମାସାଧିକ କାଳ କୃଷିଗ୍ରାମ ଅଥବା ସାପ୍ତାହିକ ବଜାରସ୍ଥଳୀ ସନ୍ନିକଟରେ ରହିଯାଆନ୍ତି । ଜଙ୍ଗଲରୁ ମିଳୁଥିବା ଖାଦ୍ୟୋପଯୋଗୀ ପଦାର୍ଥ ଓ ଦଉଡି ପ୍ରସ୍ତୁତ କରିବା ନିମନ୍ତେ ଆବଶ୍ୟକୀୟ କଞ୍ଚାମାଲ ସଂଗ୍ରହ ଲକ୍ଷ୍ୟରେ ବାରମ୍ବାର ନିଜର ବସତିସ୍ଥଳ ପରିବର୍ତ୍ତନ କରିବାରେ ସେମାନେ ଅଭ୍ୟସ୍ତ ହୋଇଯାଆନ୍ତି । ଏହି ସମୟରେ ସେମାନେ ଜଙ୍ଗଲ ସଂପଦ ସଂଗ୍ରହରେ



ମନୋନିବେଶ ନ କରି ସ୍ଥାନୀୟ କୃଷକମାନଙ୍କ କ୍ଷେତରେ ଦିନ ମଜୁରିଆ ଭାବରେ କୃଷି କର୍ମରେ ମଧ୍ୟ ନିୟୋଜିତ ହୁଅନ୍ତି ।




ଜଙ୍ଗଲ ଜାତ ଦ୍ରବ୍ୟର ସୁଲଭତା ଅଭାବରୁ ବିର୍ହୋର୍ମାନେ ସେମାନଙ୍କର ଟାଣ୍ଡା ଥରକୁ ଥର ପରିବର୍ତ୍ତନ କରନ୍ତି । ସେମାନେ ବାସ କରୁଥିବା ଅଞ୍ଚଳରେ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ଦ୍ରବ୍ୟର ଚାହିଦା କମିଲେ ନିଜର ବସତିସ୍ଥଳ ବଦଳାଇ ଆଉ ଏକ ନୂତନ ସ୍ଥାନର ସନ୍ଧାନରେ ବାହାରି ପଡନ୍ତି । ଟାଣ୍ଡା ବାସିନ୍ଦାଙ୍କ ଅକାଳମୃତ୍ୟୁ, ଅଥବା ଅଳ୍ପ ବୟସରେ କାହାର ମୃତ୍ୟୁ ଘଟିଲେ ସେ ସ୍ଥାନର ଅଶୁଭତାକୁ ବିଗ୍ଚରକୁ ନେଇ ବିଶ୍ୱାସକୁ ଆଧାରରେ ନିଜର ବସତି ସ୍ଥଳ ବଦଳାଇ ଦିଅନ୍ତି । ବିବାହ ସଂପର୍କକୁ କେନ୍ଦ୍ର କରି ବିବାଦ ଉପୁଜିଲେ ଅଥବା ଅନ୍ୟ ଏକ ଟାଣ୍ଡାରେ ନିଜର କୌଣସି ଆତ୍ମୀୟଙ୍କର ଧାର୍ମିକ ପୂଜା ଆଦି ଅନୁଷ୍ଠାନରେ ଯୋଗ ଦେବା ଉଦ୍ଦେଶ୍ୟରେ ସେମାନେ ମଧ୍ୟ ନିଜର ସ୍ଥାନ ପରିବର୍ତ୍ତନ କରିଥାନ୍ତି ।










# କୁମ୍ଭା

ବିର୍‌ହୋର୍‌ମାନଙ୍କ ପତ୍ରକୁଡ଼ିଆକୁ କୁମ୍ଭା କୁହାଯାଏ । ଏହା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଓ ଆକାର ଗମ୍ବୁଜପରି । ଶୁଖିଲା ଗଛ ଡାଳରେ କୁମ୍ଭା ପାଇଁ ଛାଞ୍ଚଟିଏ ତିଆରି କରି ତା'ର ଉପରିଭାଗକୁ ଶାଳପତ୍ର ଦ୍ୱାରା ଆବୃତ କରି ସରୁ ଶିଆଳୀ ଲତାରେ ଗୁନ୍ଥି ଦିଆଯାଏ ଯେପରି କୁମ୍ଭାଟି ବାସୋପଯୋଗୀ ହେବ । ଗୋଟିଏ କୁମ୍ଭାର ଉଚ୍ଚତା ୫ ଫୁଟ ପାଖାପାଖି । ପ୍ରବେଶ ଦ୍ୱାରକୁ ତିନିଫୁଟ ଦୈର୍ଘ୍ୟ ଓ ତିନି ଫୁଟ ପ୍ରସ୍ଥ ବିଶିଷ୍ଟ ସରୁ ସରୁ ବତାରେ ଗୋଟିଏ ତାଟି ତିଆରି କରି ବନ୍ଦ କରାଯାଏ ।

କୁମ୍ଭା ବାହ୍ୟ ପରିଧି ଚତୁଃପାର୍ଶ୍ୱକୁ ମାଟିର ଆଡିବନ୍ଧ ଦେଇ ଉଚ୍ଚ କରାଯାଏ । ଏହାଦ୍ୱାରା କୁମ୍ଭା ଭିତରକୁ ବାହାରର ପାଣି ଅଥବା ସରୀସୃପାଦି ପ୍ରବେଶ କରିପାରନ୍ତି ନାହିଁ । ଦୁଇ ତିନି ଘଣ୍ଟା ଭିତରେ ବିର୍‌ହୋର୍ ଗୋଟିଏ ନୂତନ କୁମ୍ଭା ନିର୍ମାଣ କାର୍ଯ୍ୟ ସାରିଥାନ୍ତି । କୁମ୍ଭା ଭିତରୁ ସୂର୍ଯ୍ୟ କିରଣକୁ ନିରୀକ୍ଷଣ କରି ଆବଶ୍ୟକ ସ୍ଥଳେ ଥରକୁ ଥର ମରାମତି କରିବାକୁ ପଡେ । କୁମ୍ଭାର ପତ୍ର ଛପରକୁ ଏପରି ମରାମତି କରାଯାଏ ଯେପରି ତାହା ଶୀତ ଋତୁରେ ଉଷ୍ମ, ଗ୍ରୀଷ୍ମ ଋତୁରେ ଥଣ୍ଡା ଓ ମୌସୁମୀ ପରିବାହିତ ବର୍ଷା ଋତୁରେ ଜଳ ନିରୋଧୀ ହୋଇଥାଏ ।





କୁମ୍ଭା ମଣିଷ ଓ ଗୃହପାଳିତ ପଶୁପକ୍ଷୀମାନଙ୍କୁ ଆଶ୍ରୟ ଦିଏ । ବର୍ଷା ସମୟରେ କୁମ୍ଭାର କେନ୍ଦ୍ରସ୍ଥଳକୁ ରୋଷେଇ କରିବା କାର୍ଯ୍ୟରେ ବ୍ୟବହାର କରାଯାଏ । ଗର୍ଭବତୀ ମହିଳାଙ୍କ ନିମନ୍ତେ ଗର୍ଭ ପରବର୍ତ୍ତୀ ସମୟରେ ମା ଓ ଶିଶୁର ଯତ୍ନ ଓ ରହଣୀ ନିମନ୍ତେ ଏକ ସ୍ୱତନ୍ତ୍ର କୁମ୍ଭା ତିଆରି କରାଯାଏ । ସେଠାରେ ମା' ଓ ନବଜାତ ଶିଶୁର ଯତ୍ନ ନେବା ସହିତ ଖାଦ୍ୟ ପରଷା ଯାଏ । ଏହାବ୍ୟତୀତ କୁମ୍ଭାରେ ଅଳ୍ପ ଲୁଗାପଟା, ଘରୋଇ ଆସବାବପତ୍ର, ଦଉଡି ବଳିବା ନିମନ୍ତେ ଆବଶ୍ୟକ ହେଉଥିବା କାଠ ଓ ଲୁହାର ଅଳ୍ପ କିଛି ଉପକରଣ ରହିଥାଏ । ବିର୍‌ହୋର୍‌ମାନେ କୁମ୍ଭା ଭିତରକୁ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରନ୍ତି ।






ବଂଶ ମୁଖିଆଙ୍କ କୁମ୍ବା ପଛକୁ ପ୍ରତି ଟାଣ୍ଡାରେ ପୂର୍ବପୁରୁଷ ଦେବଦେବୀଙ୍କ ପୂଜା ବିଧାନ ନିମନ୍ତେ ପତ୍ରରେ ତିଆରି ଏକ ସ୍ୱତନ୍ତ୍ର ପୂଜାସ୍ଥଳୀ ଥାଏ । ଏହାକୁ ଆଲ୍‌ବୋଙ୍ଗା କହନ୍ତି । ସେମାନଙ୍କର ଦୃଢ଼ବିଶ୍ୱାସ ଯେ ସେମାନଙ୍କ ସହିତ ମୃତଲୋକର ଆତ୍ମା ମଧ୍ୟ ଅବସ୍ଥାନ କରେ । ସେମାନେ ଗୋଟିଏ ଟାଣ୍ଡା ଛାଡ଼ିବା ସମୟରେ କୁମ୍ବାଗୁଡ଼ିକୁ ଭାଙ୍ଗି ଦେଇ କୁମ୍ବା ପଛପଟେ ଗାତଟିଏ କରିଦିଅନ୍ତି ଓ ନୂତନ ସ୍ଥାନ ସନ୍ଧାନରେ ବାହାରି ପଡ଼ନ୍ତି ।



ବିର୍‌ହୋର୍‌ମାନେ ସେମାନଙ୍କ ଟାଣ୍ଡା ବସତି ସ୍ଥଳ ବଦଳାଇବା ସମୟରେ ଟାଣ୍ଡାରେ ଥିବା ସମସ୍ତ ପରିବାର ଏକତ୍ରିତ ହୋଇ ନୂତନ ଟାଣ୍ଡାସ୍ଥଳୀକୁ ଯାତ୍ରା କରନ୍ତି । ଜଣେ ଚାହିଁଲେ ତା'ର ମୂଳ ଟାଣ୍ଡା ବଦଳାଇ ଆଉ ଏକ ନୂତନ ଟାଣ୍ଡାର ସଦସ୍ୟ ହୋଇପାରେ । ମାତ୍ର ପୁନର୍ବାର ମୂଳ ଟାଣ୍ଡାକୁ ଫେରିବା ନିମନ୍ତେ ତା'ର ଅଧିକାର ଓ ସ୍ୱତନ୍ତ୍ରତା ରହିଥାଏ । ଜଣେ ମୂଳ ଟାଣ୍ଡାକୁ ପୁନଶ୍ଚ ପ୍ରତ୍ୟାବର୍ତ୍ତନ କଲେ ତାକୁ ପୁରୁଣା ଟାଣ୍ଡାର ସଦସ୍ୟମାନେ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦେଇ ସ୍ୱାଗତ କରନ୍ତି । ନବାଗତ ଜଣକ ଟାଣ୍ଡା ମୁଖିଆ ଓ ଅନ୍ୟ ସଦସ୍ୟଙ୍କୁ ମଦ୍ୟପାନରେ ଆପ୍ୟାୟିତ କରି ନୂତନ ସଦସ୍ୟ ଭାବରେ ନିଜର ନାମ ପୁନଃ ପଞ୍ଜୀକୃତ କରନ୍ତି ।









# ଜୀବନ ଓ ଜୀବିକା



ବଣ ଜଙ୍ଗଲରୁ ସଂଗୃହୀତ ଶିଆଳୀ ଛାଲିରୁ ଦଉଡ଼ି ପ୍ରସ୍ତୁତ କରିବା ବିର୍‌ହୋର୍‌ମାନଙ୍କ ଜୀବନ ଯାତ୍ରାର ପ୍ରଧାନ ଅବଲମ୍ବନ ଅଟେ । ସେମାନେ ମୁଖ୍ୟତଃ ଶିଆଳୀ ଲତା ସଂଗ୍ରହ ନିମନ୍ତେ ଜଙ୍ଗଲକୁ ଯାଆନ୍ତି । ଶିଆଳୀ ଲତା ସଂଗ୍ରହ ସମୟରେ ଜଙ୍ଗଲରୁ ମିଳୁଥିବା କେତେକ ଆବଶ୍ୟକ ଲଘୁ ବନଜାତ ଦ୍ରବ୍ୟ ମଧ୍ୟ ସଂଗ୍ରହ କରନ୍ତି ।

















ବିର୍‌ହୋର୍ ସଂପ୍ରଦାୟର ଅର୍ଥନୀତିର ପ୍ରମୁଖ ଦିଗ ହେଉଛି ସେମାନଙ୍କ ଦଉଡି ପ୍ରସ୍ତୁତ କରିବାର ନିଆରା କଳା ଓ କୌଶଳ । ସେମାନେ ପରିପୁଷ୍ଟ ଶିଆଳୀ ଲତାକୁ ଛେଚି ପାରଂପରିକ ପଦ୍ଧତିରେ ପସ୍ତୁଣ କରି ଦଉଡି ବଳିବା ନିମନ୍ତେ ଉପଯୋଗୀ କରିବାରେ ଦକ୍ଷତା ହାସଲ କରିଥାନ୍ତି । ଏଥିରୁ ସରୁ ସରୁ ସୂତା ବାହାର କରି ସେଥିରେ ଦଉଡି, ଶିକା, ଥଳିଆ, ଟୋପା, ଆଦି ସରଞ୍ଜାମ ତିଆରି କରନ୍ତି । ଆଜିକାଲି କେତେକ ବିର୍‌ହୋର୍ ସରୁ ଶିଆଳୀ ଲତାର ସୂତା, ଝୋଟ ଓ ପ୍ଲାଷ୍ଟିକ ସହାୟତାରେ ସୁନ୍ଦର ସୁନ୍ଦର କଳାତ୍ମକ ହାତ-ଥଳିଆ ତିଆରି କରୁଛନ୍ତି । ଏହି ସୂକ୍ଷ୍ମ କାରିଗରୀ ହସ୍ତକଳା ନିମନ୍ତେ ସେମାନେ ଟାଙ୍ଗୀ, ଛୁରୀ, ବାଉଁଶ, ଠେଙ୍ଗା ଓ ଛୋଟ ଛୁରୀ ଆକୃତିର ବାଉଁଶ ଅଥବା କାଠ ପାତିଆ ବ୍ୟବହାର କରନ୍ତି । ମହିଳାମାନେ ଘରୋଇ ବ୍ୟବହାର ନିମନ୍ତେ ଖଜୁରୀ ପତ୍ର ଦ୍ୱାରା ମସିଣା ପଟି ତିଆରି କରନ୍ତି ।









ସେମାନେ ସାପ୍ତାହିକ ହାଟ ବଜାରରେ ଦଉଡ଼ି ବିକ୍ରିକରି ନିଜର ଦୈନନ୍ଦିନ ଗୁରୁରାଣ ମେଣ୍ଟାନ୍ତି । ଅନ୍ୟ ପକ୍ଷରେ ବଜାରରେ ସାଙ୍ଗ ସାଥୀମାନଙ୍କ ସହିତ







ଭେଟଘାଟ ହୁଏ । ଆଳାପ ଆଲୋଚନା ଓ ଭାବର ଆଦାନପ୍ରଦାନ ହୁଏ । ବଜାରସ୍ଥଳୀରେ ଅବିବାହିତ ଯୁବକ ଯୁବତୀମାନେ ଅନ୍ୟ ଟାଣ୍ଡାରେ ରହୁଥିବା ସେମାନଙ୍କ ପ୍ରେମିକ ପ୍ରେମିକାମାନଙ୍କ ସହିତ ମିଳାମିଶା ଓ କଥୋପକଥନର ସୁଯୋଗ ପାଆନ୍ତି । ବେଳେବେଳେ ସେମାନେ ଗାଁ ଦାଣ୍ଡରେ ବୁଲି ଦଉଡି ଓ ଟାପ ଆଦି ବିକ୍ରି କରି ତା ବଦଳରେ ଗ୍ରଉଳ, ମୁଢ଼ି ଆଦି ପାଇଥାନ୍ତି ।

















ଜଙ୍ଗଲରୁ ସେମାନେ ଅବାଧରେ ଆବଶ୍ୟକୀୟ ଶିଆଳୀ ଲତା ଓ ଅନ୍ୟାନ୍ୟ କଞ୍ଚାମାଲ ସହଜରେ ପାଇଯାଆନ୍ତି । ଦଉଡ଼ି ବଳିବା କଳାରେ ସେମାନେ ଅନନ୍ୟ କୌଶଳର ଅଧିକାରୀ ଅଟନ୍ତି । ଦଉଡି ବିକ୍ରିକରିବା ପାଇଁ ସେମାନେ ବଜାରର ସହାୟତା ନିଅନ୍ତି । ବର୍ଷତମାମ ସେମାନେ ଜଙ୍ଗଲ ଓ ବଜାର ଉପରେ ନିର୍ଭର କରି ନିଜର ଜୀବନ ଜୀବିକା ନିର୍ବାହ କରନ୍ତି ।











ବିର୍ହୋର୍ମାନେ ମାଙ୍କଡ଼ ଧରିବା କଳାରେ ବିଶେଷ ନିପୁଣ ଅଟନ୍ତି । ମାଙ୍କଡ ଧରିବା ପାଇଁ ସେମାନେ ଶିଆଳୀ ତନ୍ତୁରେ ପ୍ରସ୍ତୁତ ଜାଲ ବ୍ୟବହାର କରନ୍ତି ।









ଶିଆଳୀ ଲତାଦି ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା ଲକ୍ଷ୍ୟରେ ସେମାନେ ବେଳେବେଳେ ଜଙ୍ଗଲରେ ପତ୍ରଘର କରି ସେଥିରେ ଏକାଦିକ୍ରମେ ତିନି ଚ୍ୱରି ଦିନ ରହିଯାଆନ୍ତି । ପରେ ସେମାନେ ଟାଣ୍ଡାକୁ ଫେରି ଦଉଡି ତିଆରି କରନ୍ତି । ଶାଳ ଓ ଅନ୍ୟାନ୍ୟ ଗଛରୁ ରେଶମ ଖୋସା ସଂଗ୍ରହ କରି ତାହାକୁ ବଜାରରେ ବିକ୍ରିକରି ସେଥିରୁ ମଧ୍ଯ କିଛି ଅର୍ଥ ଉପାର୍ଜନ କରୁଥିବାର ଦେଖାଯାଏ ।












ବିର୍‌ହୋର୍‌ମାନେ ଛେଳି, କୁକୁଡ଼ା ଓ କୁକୁର ପରି କେତେକ ଗୃହପାଳିତ ପଶୁର ପାଳନ ପୋଷଣ କରନ୍ତି । ସେମାନେ ପାଳିତ ପଶୁର ମାଂସ ଖାଆନ୍ତି । ବଜାରରେ ସେମାନଙ୍କୁ ବିକ୍ରିକରି ଅର୍ଥ ଉପାର୍ଜନ କରନ୍ତି । କୃଷକ ଗୋଷ୍ଠୀ ସହିତ ଏମାନଙ୍କ ଭାବବିନିମୟ ଓ ସାଂସ୍କୃତିକ ସହଯୋଗ ରହିବା ଫଳରେ ଏମାନେ ତଳି ତିଆରି, ତଳିରୁଆ ଓ ଅନ୍ୟାନ୍ୟ କୃଷିକାର୍ଯ୍ୟ କଲେଣି । ଚାଷ ଋତୁରେ ସ୍ଥାନୀୟ ଲୋକେ ବିର୍‌ହୋର୍‌ମାନଙ୍କୁ ମୂଲ ଦେଇ ଚାଷ କାମରେ ଲଗାଇଥାନ୍ତି ।










# ଖାଦ୍ୟପେୟ


ଭାତ ବିର୍‌ହୋର୍‌ମାନଙ୍କର ମୁଖ୍ୟ ଖାଦ୍ୟ । ଦଉଡି ଓ ଜଙ୍ଗଲରୁ ସଂଗୃହୀତ ଦ୍ରବ୍ୟ ବିକ୍ରିବଟା କରି ଯେଉଁ ଅର୍ଥ ମିଳେ ସେଥିରେ ସେମାନେ ସାପ୍ତାହିକ ବଜାରରୁ ଦୈନନ୍ଦିନ ଚଳଣି ପାଇଁ ସାତଦିନିଆ ସଉଦା କିଣିଦିଅନ୍ତି । ଫସଲ ଅମଳ ସମୟରେ ସେମାନେ ହାଟ ବଜାରରୁ ମକା ଓ ବାଜରା କିଣି ଘରେ ରଖନ୍ତି । ଆବଶ୍ୟକ ବେଳେ ଭାତ ସହିତ ମକା ଓ ବାଜରାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି । ନିଜ ବ୍ୟବହାର ପାଇଁ ସେମାନେ ବିଭିନ୍ନ ପ୍ରକାର ଶାକ ସବ୍‌ଜି, ଛତୁ, କେନ୍ଦୁ, ତାଳ, ଆମ୍ବ ଆଦି ଫଳ ସଂଗ୍ରହ କରନ୍ତି । ସେମାନେ ମଧ୍ୟ ଖାଦ୍ୟୋପଯୋଗୀ କନ୍ଦା, ମୂଳ ଆଦି ଖୋଳନ୍ତି ଓ ମହୁ ସଂଗ୍ରହ କରନ୍ତି । ଏସବୁକୁ ସେମାନେ ଖାଦ୍ୟଭାବେ ଗ୍ରହଣ କରନ୍ତି । ପର୍ବପର୍ବାଣି ସମୟରେ ସେମାନେ ପିଠାପଣା ଓ ଅନ୍ୟାନ୍ୟ ରୁଚିକର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରନ୍ତି । ପର୍ବପର୍ବାଣି ଓ ଉତ୍ସବ ସମୟରେ ଆମିଷ ମୁଖ୍ୟ ଖାଦ୍ୟରୂପେ ପରିଗଣିତ ହୁଏ ।




ବିର୍‌ହୋର୍‌ମାନେ ହାଣ୍ଡିଆ ପ୍ରିୟ । ବେଳେବେଳେ ସେମାନେ ନିଶାଯୁକ୍ତ ପାନୀୟ ସେବନ କରନ୍ତି । ଘରେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହାଣ୍ଡିଆ ସେମାନଙ୍କର ସବୁଠୁ ଅଧିକ ପ୍ରିୟ ପାନୀୟ । ସାପ୍ତାହିକ ବଜାରରୁ ମଦ କିଣି ସେମାନେ ପିଅନ୍ତି । ବିର୍‌ହୋର୍ ପୁରୁଷମାନେ ଧୂଆଁ ଟାଣନ୍ତି । ଦୁଇଜଣ ବିର୍‌ହୋର୍ ଦୁଇଟି କାଠିକୁ ତଳେ ଘଷି ନିଆଁ ବାହାର କରନ୍ତି । ପୁରୁଷ ଓ ମହିଳାମାନେ ଧୂଆଁପତ୍ର (ଭାଙ୍ଗ) ପାଟିରେ ପକାଇ କଳରେ ଜାକନ୍ତି ।












ହାଡଭଙ୍ଗା ଖଟଣି ସହିତ ସ୍ୱଳ୍ପ ଆୟର ଜୀବନ ଯାତ୍ରାରେ ବିର୍‌ହୋର୍ ଅଭ୍ୟସ୍ତ । "ଦାଣ୍ଡରୁ ଆସିଲେ ହାଣ୍ଡିରେ ପଡେ" ପରି ତାଙ୍କ ନିଅଣ୍ଟିଆ ଜୀବନ । ହେଲେ ମଧ୍ୟ ସେମାନେ ପର୍ବପର୍ବାଣିରେ, ହାଟ ବଜାରରେ ଖୁସିମିଜାଜ୍‌ର ଦେଖାଯାଆନ୍ତି । ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟକର ପୁଷ୍ଟିକର ଖାଦ୍ୟ ପାଇବା ଏକ ସମସ୍ୟା । ସମନ୍ୱିତ ଶିଶୁବିକାଶ ଯୋଜନାରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ପୁଷ୍ଟିକର ଆହାର ସାମଗ୍ରୀ ବିର୍‌ହୋର୍‌ମାନଙ୍କ ଅସ୍ଥାୟୀ ବାସସ୍ଥଳୀରେ ପହଞ୍ଚିପାରେନାହିଁ । ସ୍ୱାସ୍ଥ୍ୟ ଓ ପରିମଳ ଅଭାବରୁ ପିଲାମାନଙ୍କଠାରେ ବିଭିନ୍ନ ଚର୍ମରୋଗ ଦେଖାଯାଏ । ଖାଦ୍ୟାଭାବ ଓ ଅପୁଷ୍ଟି କାରଣରୁ ବହୁ ପିଲାଙ୍କ ଠାରେ ପେଟଫୁଲା ବେମାରୀ ଦେଖାଯାଏ ।



















# ସାମାଜିକ ଜୀବନ

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନ ଏକ ଅବିଚ୍ଛିନ୍ନ ଧାରା ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ଜନ୍ମ ପରେ ଜୀବନ ଶୈଶବ, ତାରୁଣ୍ୟ, ଯୌବନ, ବିବାହ, ପାରିବାରିକ ଜୀବନ, ବାର୍ଦ୍ଧକ୍ୟ କ୍ରମ ଦେଇ ଗତିଶୀଳ ହୁଏ । ଜୀବନର ପରିଣତି ମୃତ୍ୟୁରେ ଅନ୍ତ ହୁଏ ।



ଗର୍ଭବତୀ ମହିଳାମାନଙ୍କ ପାଇଁ କେତେକ ସାମାଜିକ କଟକଣା ରହିଥାଏ । କଠିନ ପରିଶ୍ରମ ଓ ଭାରିକାମ କରିବାକୁ ବାରଣ କରାଯାଏ । ରୋଷେଇ କରିବାକୁ ହୁଏ ନାହିଁ । ଗର୍ଭବତୀ ମହିଳାମାନେ ଶବ ସଂସ୍ପର୍ଶରେ ଆସନ୍ତି ନାହିଁ ଓ ଶବକୁ ଛୁଅଁନ୍ତି ନାହିଁ । ସେମାନେ ଏହି ସମୟରେ ପୂଜାପୀଠକୁ ଯାଆନ୍ତି ନାହିଁ । ପୂଜାରେ ଅର୍ପିତ ମାଂସ ମଧ ସେମାନେ ଖାଆନ୍ତି ନାହିଁ । ବାହାରକୁ ଗଲାବେଳେ ଅନ୍ୟମାନଙ୍କ ଦୁଷ୍ଟ ନଜରଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଶରୀରକୁ ବସ୍ତ୍ର ଦ୍ୱାରା ଆବୃତ କରିଥାନ୍ତି ।


ଗର୍ଭବତୀ ମହିଳାଙ୍କ ପ୍ରସବ କର୍ମ ସଂପାଦନ ନିମନ୍ତେ ଗୋଟିଏ ସ୍ୱତନ୍ତ୍ର କୁମ୍ଭା ତିଆରି ହୋଇଥାଏ । ପ୍ରସବ ସମୟରେ ଜଣେ ପାରଂପରିକ ଅଭିଜ୍ଞା ଧାଇ'ମା ସାହାଯ୍ୟ କରେ । ଶିଶୁ ଜନ୍ମ ପରେ ସଂପୂର୍ଣ୍ଣ ଟାଣ୍ଡାଟି ସାତଦିନ ପର୍ଯ୍ୟନ୍ତ ଅଶୁଚି ସ୍ଥଳ ଭାବରେ ବିବେଚିତ ହୁଏ । ଶିଶୁଟି ଜନ୍ମ ହୋଇଥିବା ଘରେ ଏକୋଇଶ ଦିନ ଯାଏ ଅଶୌଚ ପାଳନ ହୁଏ । ଘରେ ପିଲାଟିଏ ଜନ୍ମ ହେଲେ ବିର୍‌ହୋର୍‌ମାନେ ବହୁତ ଖୁସି ହୁଅନ୍ତି । ପୁଅ ହେଉ ବା ଝିଅ ହେଉ; ବିରହୋର୍ ସମାଜରେ ସମସ୍ତେ ସମାନ ।





















ବିର୍‌ହୋର୍ ସମାଜରେ ଏକ ବିବାହ ଓ ବହୁ ବିବାହ ପ୍ରଥା ପ୍ରଚଳିତ । ବିର୍‌ହୋର୍‌ମାନଙ୍କ ଜୀବନରେ ବିବାହ ଏକ ଆନନ୍ଦମୟ ଉତ୍ସବ । ଚଉଦରୁ ଅଠର ବୟସ୍କା ଯୁବତୀ ଓ କୋଡ଼ିଏ ପଚିଶି ବର୍ଷ ବୟସ୍କ ଯୁବକଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସଂପାଦିତ ହୁଏ । ବିବାହ ପୂର୍ବ ସମୟରେ ବିର୍‌ହୋର୍ ତରୁଣ ଓ ତରୁଣୀମାନେ ତାଙ୍କ ପାଇଁ ଉଦ୍ଦିଷ୍ଟ ଯୁବାଆବାସରେ ବିତାଇଥାନ୍ତି । ସେଠାରେ ସେମାନେ ବୟୋଜ୍ୟେଷ୍ଠ ସଦସ୍ୟ ସଦସ୍ୟାମାନଙ୍କ ଠାରୁ ଆବଶ୍ୟକୀୟ "ଜୀବନ ଜୀଇଁବାର କଳା" ଶିଖିଥାନ୍ତି । ଗୋଟିଏ ଟାଣ୍ଡାରେ ବହୁ ବଂଶର ସଦସ୍ୟ ଏକାଠି ବାସ କରୁଥିଲେ ସେମାନଙ୍କ ମଧ୍ୟରେ ବୈବାହିକ ସଂପର୍କ ସ୍ଥାପିତ ହୁଏ । ଦୁଇଭାଇ ଅନ୍ୟବଂଶ ଦୁଇ ଭଉଣୀ ସହିତ ବିବାହ କରିବାର ପ୍ରଥାର ପ୍ରଚଳନ ରହିଛି । ଏତଦ୍‌ବ୍ୟତୀତ ବିଧବା ବିବାହ ପ୍ରଥା ମଧ୍ୟ ବହୁଳ ଭାବରେ ପ୍ରଚଳିତ ଅଟେ । ପ୍ରସ୍ତାବିତ ବିବାହ ସାଧାରଣତଃ ଏକ ବହୁ ପ୍ରଚଳିତ ପ୍ରଥା । ଏଥିରେ ଜଣେ ମଧ୍ୟସ୍ଥି ରହେ । ଉଦୁଲିଆ ବିବାହ, ବଦଳ କନ୍ୟା ବିବାହ ଓ ସେବାପ୍ରାପ୍ତ ବିବାହ ପରି ପଦ୍ଧତିକୁ ମଧ୍ୟ ସାମାଜିକ ସ୍ୱୀକୃତି ମିଳେ । ବିର୍‌ହୋର୍‌ମାନଙ୍କ ମଧ୍ୟରେ ଦ୍ୱିବିବାହ ପ୍ରଥା ଚଳେ ନାହିଁ । ଅପର ବିବାହ ଅପରାଧ ବୋଲି ପରିଗଣିତ ହୁଏ ।



ନିୟମିତ ଓ ପ୍ରସ୍ତାବିତ ବିବାହରେ ବରପକ୍ଷରୁ କନ୍ୟାପିତାଙ୍କୁ କନ୍ୟାମୂଲ ଦେବାକୁ ହୁଏ । ସାଧାରଣତଃ କନ୍ୟାମୂଲ ଆକାରରେ କିଛି ଟଙ୍କା ଓ ତିନିଖଣ୍ଡ ଲୁଗା ଦେବାକୁ ପଡେ । ବିର୍‌ହୋର୍ ସମାଜ ଛାଡପତ୍ରକୁ ସ୍ୱୀକୃତି ଦିଏ । ଜଣେ ପୁରୁଷର ସ୍ତ୍ରୀ ମରିଗଲେ ଅଥବା ସ୍ତ୍ରୀର ପୁରୁଷ ମରିଗଲେ ଉଭୟେ ପୁନଃବିବାହ କରି ପୁନର୍ବାର ନୂଆ ସଂସାର ଗଢନ୍ତି । ମୋଟ ଉପରେ ବିଧବା, ପରିତ୍ୟକ୍ତା ଓ ମୃତଦାର (ଯାହାର ସ୍ତ୍ରୀ ମୃତ) ସମସ୍ତେ ପୁନର୍ବିବାହ କରିପାରନ୍ତି ।












ବିବାହ ଉତ୍ସବ ପାଇଁ କୌଣସି ନିର୍ଦ୍ଦିଷ୍ଟ ମାସ ରଖାଯାଇ ନାହିଁ । ସାଧାରଣତଃ ମୌସୁମୀ ପରେ ପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହୁଏ । ଏତେବେଳକୁ ଲୋକଙ୍କ ହାତରେ ଖର୍ଚ୍ଚ କରିବା ପାଇଁ କିଛି ଟଙ୍କା ପଇସା ଥାଏ । ବିନା ଅସୁବିଧାରେ ବିବାହ ଉତ୍ସବରେ ଯୋଗ ଦେଇଥିବା ବନ୍ଧୁବାନ୍ଧବ ଓ ଅତିଥିମାନଙ୍କ ଚର୍ଚ୍ଚା କରିହୁଏ । ବିବାହ ଦିବସରେ ବର ତା'ର ବନ୍ଧୁବାନ୍ଧବ, ସଂପର୍କୀୟ ଜ୍ଞାତି ପରିଜନ, ତଥା ଟାଣ୍ଡାର ପରିବାର ସଦସ୍ୟଗଣଙ୍କ ଗହଣରେ ଜାକଜମକରେ ଟାଣ୍ଡା ଅଭିମୁଖେ ଯାତ୍ରା କରେ । ବରପକ୍ଷ କନ୍ୟାଘରେ ପହଞ୍ଚିଲେ କନ୍ୟାଘର ପକ୍ଷରୁ ବରପକ୍ଷଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଏ ।

ବଧୂ (କନ୍ୟା)ର କପାଳରେ ସିନ୍ଦୂର ଦେଇ ବର ବିବାହ ଉତ୍ସବକୁ ମଧୁର କରେ । ଏହି ସମୟରେ ଉପସ୍ଥିତ ପୁଅଝିଅମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ଓ ସଂଗୀତର ମହୋଲ୍ଲାସ ଭିତରେ ନିଜକୁ ହଜେଇ ଦିଅନ୍ତି । ଡ୍ରମ ବାଜା, ବଂଶୀ ଓ ଅନ୍ୟାନ୍ୟ ବାଜା ବାଜୁଥାଏ । ବିବାହ ଉତ୍ସବ ସଂପନ୍ନ ହେବା ପରେ ବର ଓ ବରଯାତ୍ରୀ ଦଳ କନ୍ୟାକୁ ସାଥୀରେ ନେଇ ପୁଅର ଟାଣ୍ଡା (ପତ୍ର କୁଡ଼ିଆ)କୁ ଫେରିଆସନ୍ତି । ବିବାହ ଉତ୍ସବରେ ଅଂଶଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବରପିତା ଭୂରି ଭୋଜନରେ ଆପ୍ୟାୟିତ କରନ୍ତି ।






ବିର୍ହୋର୍ମାନଙ୍କର ଛୋଟ ପରିବାର । ବାପା, ମାଆ ଓ ଅବିବାହିତ ପୁତ୍ରକନ୍ୟାଙ୍କୁ ନେଇ ସେମାନଙ୍କ ପରିବାର ଗଠିତ । କେତେକ କ୍ଷେତ୍ରରେ ବିପତ୍ନୀକ ବାପା ଅଥବା ବିଧବା ମା ବିବାହିତ ପୁଅ ପରିବାରରେ ରହୁଥିବାର ଦେଖାଯାଏ । ବିର୍ହୋର୍ ଗୋଷ୍ଠୀ ମଧ୍ୟରେ ବହୁ ବଂଶ ଧାରା ରହିଛି । ସେସବୁ ହେଲା ସିନ୍‌ଖିଲ୍, ହେମ୍ବ୍ରମ୍, ନାଡାପୁରିଆ, ମାଲିହି, ସିକ୍‌ରିଆ ଇତ୍ୟାଦି । ବଂଶ ବିବାହ କାର୍ଯ୍ୟର ସୁପରିଚାଳନା କରେ ଓ ଅବୈଧ ସଂପର୍କକୁ ବାରଣ କରେ ।












ବିର୍‌ହୋର୍ ପରିବାରରେ ପୁରୁଷ ଓ ସ୍ତ୍ରୀଙ୍କ ସମାନ ଅଧିକାର ଥାଏ । ମହିଳାମାନଙ୍କ ତୁଳନାରେ ପୁରୁଷମାନେ ଅପେକ୍ଷାକୃତ କଷ୍ଟସାଧ କାର୍ଯ୍ୟ କରନ୍ତି । ମହିଳାମାନେ ହାଲୁକା କାର୍ଯ୍ୟ ଯଥା ଦଉଡି ବଳିବା, ଶିଶୁପାଳିବା, ଘରୋଇ କାମଧନ୍ଦା କରିବା, ପରିବାର ସଦସ୍ୟଙ୍କୁ ଖାଦ୍ୟ ପରଷିବା ଆଦିର କାର୍ଯ୍ୟ କରନ୍ତି । ବାପା ମାଆଙ୍କୁ କାମରେ ସାହାଯ୍ୟ କରି ପିଲାମାନେ ଆବଶ୍ୟକ କର୍ମକୌଶଳ ଶିଖନ୍ତି । ପୁଅ ଝିଅମାନେ ଉତ୍ତମ ବ୍ୟବହାର ଓ ସାମାଜିକ ଆଚରଣର ବନ୍ଧନୀ ଭିତରେ ରହି ସାମାଜିକ ମର୍ଯ୍ୟାଦା ଲଙ୍ଘନ କରନ୍ତି ନାହିଁ । ବିର୍‌ହୋର୍‌ମାନେ ବୟସ୍କ ବୃଦ୍ଧ ବୃଦ୍ଧାମାନଙ୍କର ସେବା ଶୁଶ୍ରୂଷା ଓ ଯତ୍ନ ନିଅନ୍ତି । ସାମର୍ଥ୍ୟଥିବା ବୃଦ୍ଧ ବୃଦ୍ଧା ନିଜର ସାମର୍ଥ୍ୟ ମୁତାବକ କାମଧନ୍ଦା କରି ପାରିବାରିକ ଆୟ ଓ ଅର୍ଥନୀତିରେ ନିଜର ସହଭାଗିତା ଯୋଡ଼ନ୍ତି । ଏହାଦ୍ୱାରା ସେମାନେ କାହା ଉପରେ ବୋଝ ହୋଇ ନଥାନ୍ତି ।

ଜଣେ ବିର୍‌ହୋର୍ ମୃତ୍ୟୁବରଣ କଲେ ପରିବାର ସଦସ୍ୟମାନେ ନିଜର ଜ୍ଞାତି କୁଟୁମ୍ବଙ୍କୁ ଓ ଅନ୍ୟ ଟାଣ୍ଡାରେ ବାସ କରୁଥିବା ସଂପର୍କୀୟଙ୍କୁ ଏହି ଖବର ଜଣାଇ ଦିଅନ୍ତି । ଅକାଳ ମୃତ୍ୟୁ ଅଥବା ଅଳ୍ପ ବୟସରେ କାହାର ମୃତ୍ୟୁ ଘଟିଲେ ଏହି ଅପମୃତ୍ୟୁ ଭୂତ ପ୍ରେତାଦି ବା କୌଣସି ଅପଶକ୍ତି ଅଥବା ଗୁଣିଆର ଅପକର୍ମ ବୋଲି ବିଶ୍ୱାସ କରାଯାଏ । ସାଧାରଣତଃ ଗୋଟିଏ ଲମ୍ବ ଗାତରେ ଶବ ମୁଣ୍ଡକୁ ଦକ୍ଷିଣ ପଶ୍ଚିମ ଦିଗକୁ ରଖି ମାଟି ଘୋଡେଇ ପୋତି ଦିଆଯାଏ । ଦଶଦିନ କାଳ ମୃତ ଅଶୌଚ କର୍ମ ପାଳିତ ହୁଏ । ଦଶମ ଦିବସରେ ଦେହୁରୀ, ପୂଜକ ପରିବାର, ଜ୍ଞାତି କୁଟୁମ୍ବ ସଦସ୍ୟ ଓ ଟାଣ୍ଡା ଅଂଚଳରେ ଗୋବର ମିଶ୍ରିତ ଜଳ ସିଞ୍ଚନ କରେ । ସେଦିନ ସନ୍ଧ୍ୟାରେ ଟାଣ୍ଡାର ସମସ୍ତ ସଦସ୍ୟ, ଜ୍ଞାତି, କୁଟୁମ୍ବ ଓ ନିମନ୍ତ୍ରିତ ଅତିଥିମାନଙ୍କ ନିମନ୍ତେ ଏକ ଭୋଜନର ଆୟୋଜନ କରାଯାଇଥାଏ । ମୃତଲୋକ ପରିବାରରେ ପୁନର୍ବାର ଜନ୍ମନିଏ ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ଶିଶୁଟିଏ ଜନ୍ମ ହେବା ପରେ ପରିବାରରେ ଅନୁଷ୍ଠିତ ପୂଜାବିଧି ଅବସରରେ ପୂଜକ ଦେହୁରୀ ଏହା ଘୋଷଣା କରିଥାଏ ।





# ଗୁଣି ଗାରେଡ଼ି ଓ ଧର୍ମୀୟ ଜୀବନଧାରା

ବିର୍‌ହୋର୍‌ମାନେ ପ୍ରକୃତି ବିଶ୍ୱାସୀ । ପ୍ରକୃତିକୁ କେନ୍ଦ୍ର କରି ସେମାନଙ୍କ ପୂଜା ଓ ବିଶ୍ୱାସ ପରିଚାଳିତ ହୁଏ । ସେମାନେ ଦେବାଦେବୀଙ୍କୁ ଦୁଇ ପର୍ଯ୍ୟାୟଭୁକ୍ତ କରନ୍ତି । ଉତ୍ତମ ଗୁଣ ସଂପନ୍ନ ଦେବଦେବୀଗଣ ସୁଖ ସମୃଦ୍ଧି ଓ ପ୍ରଗତିରେ ସହାୟକ ହୋଇଥିବାବେଳେ ନକାରାତ୍ମକ ଅପଦେବତାଗଣ ବା ଦୁଷ୍ଟଶକ୍ତି ବିଭିନ୍ନ ପ୍ରକାର ଅସୁବିଧା, ରୋଗ ଓ ମୃତ୍ୟୁର କାରଣ ହୋଇଥାନ୍ତି । ଘଞ୍ଚ ଜଙ୍ଗଲରେ ସେମାନଙ୍କର ଦୁଇ ପ୍ରମୁଖ ଦେବତା ଲୋଗୋବୀର ଓ ବୁଢ଼ୀମାଈ ବାସ କରନ୍ତି ବୋଲି ବିର୍‌ହୋର୍‌ମାନେ ବିଶ୍ୱାସ କରନ୍ତି । ସେମାନେ ଜଙ୍ଗଲକୁ ଶ୍ରଦ୍ଧା ଓ ଭକ୍ତିରେ ପୂଜା କରନ୍ତି । ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା, ଶିକାରରେ ସଫଳତା ହାସଲ କରିବା ଓ ଜଙ୍ଗଲଜାତ ଦ୍ରବ୍ୟର ପ୍ରାଚୁର୍ଯ୍ୟ ତଥା ସୁଲଭତା



ନିମନ୍ତେ ସେମାନେ ଜଙ୍ଗଲ ପୂଜା କରିଥାନ୍ତି । ପ୍ରତିବର୍ଷ ସେମାନେ ବାର୍ଷିକ ଶିକାର ପର୍ବ ପାଳନ କରନ୍ତି । ଏହି ପର୍ବକୁ ସେମାନେ ଦିସୁମ ସେଣ୍ଡା କହନ୍ତି । ଜଙ୍ଗଲ ଦେବତାର ପୂଜା ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

ଅନ୍ୟ ଗୋଷ୍ଠୀଭୁକ୍ତ ଜନଜାତିଙ୍କ ପରି ଏମାନେ ନୂଆ ଫଳଖିଆ ପର୍ବ ପାଳନ୍ତି । ନୂଆ ଆମ୍ବ ଓ ନୂଆ ମହୁଲ ଫୁଲ ଖାଇବା ପୂର୍ବରୁ




ଦେବାଦେବୀଙ୍କୁ ପହିଲି ଫଳ, ଫୁଲ ଅର୍ପଣ କରାଯାଏ । ଏଥି ସହିତ ସେମାନେ ସବୁବେଳେ ସେମାନଙ୍କର ପୂର୍ବପୁରୁଷମାନଙ୍କୁ ପୂଜା କରିଥାନ୍ତି । ପ୍ରତି ପର୍ବପର୍ବାଣୀରେ ଦେବଦେବୀଙ୍କୁ ପୂଜା କରାଯାଇ ଭୋଗ ନୈବେଦ୍ୟ ଅର୍ପଣ ଓ ପ୍ରାର୍ଥନା କରାଯାଏ । ଋତୁମତୀ ମହିଳାମାନେ ସେମାନଙ୍କ ବିଶ୍ରାମ ସମୟରେ ପୂଜାପୀଠ ସ୍ପର୍ଶ କରନ୍ତି ନାହିଁ । ପରିବାର ତଥା ନିଜ ବଂଶର ଉତ୍ତମ ସ୍ୱାସ୍ଥ୍ୟ ସମୃଦ୍ଧି ଓ ସୌଭାଗ୍ୟ ନିମନ୍ତେ ସେମାନେ ନିୟମିତ ଭାବରେ ପୂର୍ବପୁରୁଷଙ୍କୁ ପୂଜା ଆରାଧନା କରନ୍ତି ।





ପ୍ରତି ବିବାହ ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ପୁରୋହିତ ଭାବରେ କାର୍ଯ୍ୟ ସଂପାଦନ କରୁଥିବା ଦିଶାରୀ ଭକ୍ତି ଆବେଶରେ ଝୁମି ଝୁମି ନବ ବିବାହିତ ଦଂପତୀଙ୍କର ଭବିଷ୍ୟତ ଭାଗ୍ୟ ଓ ଦୁର୍ଭାଗ୍ୟ ବିଷୟରେ ସୂଚନା ଦିଏ । ଦୁର୍ଭାଗ୍ୟର କୌଣସି ସୂଚନା ମିଳିଲେ ସେ ପ୍ରତିକାରର ଉପାୟ ବତାନ୍ତି । ପରିବାରର ସୁରକ୍ଷା ଓ ସମୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଏ । ଟାଣ୍ଡାର ଦେହୁରୀ ସାମାଜିକ ପ୍ରଥା ଅନୁଯାୟୀ ପାରଂପରିକ ଭାବରେ ରୋଗର ଉପଶମ ପାଇଁ ଚିକିତ୍ସକ କାମ କରେ । ଆବଶ୍ୟକ ସ୍ଥଳେ ଦେହୁରୀ ରୋଗର କାରଣ ଓ ଅପଶକ୍ତିର କୁନଜର ଅଥବା ଅପମୃତ୍ୟୁର ନିଦାନ ନିର୍ଣ୍ଣୟ କରିବା ସହିତ ପ୍ରତୀକାରର ଉପାୟ ବତାଇଦିଏ । ଏହାଦ୍ୱାରା କୌଣସି ଅଘଟଣ ବା ଦୁର୍ଭାଗ୍ୟକୁ ପ୍ରତିହତ କରିବା ପାଇଁ ପଦକ୍ଷେପ ନିଆଯାଏ । ଠିକ୍ ସେହିପରି ବିର୍‌ହୋର୍‌ମାନେ ଅନ୍ୟ ସମୟରେ ରୋଗର ଉପଶମ ପାଇଁ ଦେହୁରୀର ପରାମର୍ଶରେ ଚେରମୂଳୀ ଔଷଧ ସେବନ କରିଥାନ୍ତି । ବେଳେବେଳେ ଦେହୁରୀ ସାପ୍ତାହିକ ହାଟ ବଜାରରେ ଚେରମୂଳୀ ଔଷଧ ବିକ୍ରି କରୁଥିବାର ଦେଖାଯାଏ । ଜଣେ ପାରଂପରିକ ଚିକିତ୍ସକ ହିସାବରେ ଦିଶାରୀର ବେଶ୍ ସୁନାମ ଥାଏ । ଲୋକମାନେ ଦିଶାରୀକୁ ବିଶ୍ୱାସ କରି ରୋଗ ଉପଶମ ନିମନ୍ତେ ସେ ଦେଉଥିବା ଔଷଧକୁ ସେବନ କରନ୍ତି ଓ ତା' ଚିକିତ୍ସାରେ ରହନ୍ତି । ବେଳେବେଳେ ବାହାର ଲୋକମାନେ ମଧ୍ୟ ଦିଶାରୀର ଚିକିତ୍ସା ବିଦ୍ୟାର ସହାୟତା ନେଇଥାନ୍ତି ।












## ଟାଣ୍ଡା ପରିଷଦ


ବିର୍‌ହୋର୍‌ମାନଙ୍କ ପ୍ରତି ଟାଣ୍ଡା ଗୋଟିଏ ଗୋଟିଏ ସ୍ୱୟଂ ଶାସିତ ସାମାଜିକ ଓ ରାଜନୈତିକ ଅନୁଷ୍ଠାନ । ଉତ୍ତମ ତଥା ନ୍ୟାୟିକ ଶାସନ ପ୍ରଦାନ କରିବା ପାଇଁ ଟାଣ୍ଡା ପରିଷଦ ସାମାଜିକ ସୁରକ୍ଷାର ଏକ ରକ୍ଷା କବଚ ପରି କାମ କରେ । ସାମାଜିକ ମୁଖ୍ୟ



ପଦବୀଧାରୀ ବ୍ୟକ୍ତିଙ୍କୁ ନାଇକ ବା ନାୟକ କୁହାଯାଏ । ସେହିପରି ଧାର୍ମିକ ମୁଖ୍ୟଙ୍କୁ ଦେହୁରୀ କୁହନ୍ତି । ନାୟକ, ଦେହୁରୀ ସମେତ ଗୋଟିଏ ଟାଣ୍ଡା ସହ ସଂଶ୍ଳିଷ୍ଟ ପ୍ରତି ପରିବାରର ମୁଖ୍ୟ ସଦସ୍ୟଙ୍କୁ ନେଇ ଟାଣ୍ଡା ପରିଷଦ ଗଠିତ । 'ନାୟକ' ଟାଣ୍ଡା ପରିଷଦର ପାରଂପରିକ ମୁଖ୍ୟ କାର୍ଯ୍ୟନିର୍ବାହୀ । ଏହି ପଦବୀଟି ବଂଶାନୁକ୍ରମିକ । ବେଳେବେଳେ ଟାଣ୍ଡର ମୁଖ୍ୟ 'ନାୟକ' ମଧ୍ୟ ଦେହୁରୀ କରୁଥିବା ପୂଜାବିଧି ସଂପାଦନ କରିଥାନ୍ତି । ସେବା ପାଇଁ ସେ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ତାଙ୍କୁ ଖାଦ୍ୟ ଓ ପାନୀୟ ଦିଆଯାଏ । ପୂଜାରେ ଅର୍ପିତ ମାଂସ ପ୍ରସାଦର ପ୍ରମୁଖ ଅଂଶ ତାଙ୍କର ପ୍ରାପ୍ୟ । ଟାଣ୍ଡାର ସମସ୍ତ ସଦସ୍ୟ ତାଙ୍କୁ ସମ୍ମାନ ଦିଅନ୍ତି । ନାୟକ ଟାଣ୍ଡାରେ ପାରଂପରିକ ଆଇନ ଶୃଙ୍ଖଳା ରକ୍ଷା କରନ୍ତି । ସଦସ୍ୟମାନଙ୍କ ସାମାଜିକ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତି । ଟାଣ୍ଡା ପରିଷଦରେ ଅର୍ଥନୈତିକ, ସାମାଜିକ ଓ ଧାର୍ମିକ ବିଷୟ ଉପରେ ବିସ୍ତୃତ ବିମର୍ଶ କରାଯାଏ । ସାମାନ୍ୟ ଦୋଷ ହୋଇଥିଲେ ଲଘୁଦଣ୍ଡ ବିଧାନର ବ୍ୟବସ୍ଥା କରାଯାଏ । ଗୁରୁତର ଓ ଗର୍ହିତ ସାମାଜିକ ଅପରାଧ ମାମଲାରେ ଅପରାଧୀଙ୍କୁ କଠିନ ଦଣ୍ଡ ଭୋଗିବାକୁ ପଡ଼େ । ତାକୁ ସାମାଜିକ ବାସନ୍ଦ କରାଯାଏ । କଠିନ ଦଣ୍ଡ ବ୍ୟବସ୍ଥା 'ଚିନ୍ଦଲ' ବା 'ବେଗନ' ନାମରେ ଅଭିହିତ । କୌଣସି ବ୍ୟକ୍ତିର ଦେହରେ ଘା' ହୋଇ ପୂଜପାଣିରେ କୀଟ ସାଲୁବାଲୁ ହେଲେ ଏହା ଅପକର୍ମର ପରିଣାମ ବୋଲି ବିସ୍ତୃତ କରାଯାଏ । ସେହି ଅପକର୍ମା ପାପୀ ଲୋକଠାରୁ ଅନ୍ୟମାନେ ଦୂରରେ ରହନ୍ତି । ତାକୁ ସାମାଜିକ ବାସନ୍ଦ କରାଯାଏ । ପ୍ରତିକାରଯୁକ୍ତ ପୂଜା ପରେ ଆରୋଗ୍ୟ ଲାଭ କଲା ପରେ ସେ ଟାଣ୍ଡା ସଦସ୍ୟଙ୍କୁ ଭୋଜନରେ ଆପ୍ୟାୟିତ କରେ ।







# ପ୍ରଦର୍ଶନ କଳା



ବିର୍‌ହୋର୍‌ମାନେ ବାଦ୍ୟ, ସଙ୍ଗୀତ ଓ ନୃତ୍ୟପ୍ରିୟ । ବାଦ୍ୟ, ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବାର ସୁନ୍ଦର ଓ ଚିତ୍ତାକର୍ଷକ କୌଶଳ ସେମାନଙ୍କ କଳା ନୈପୁଣ୍ୟକୁ ପ୍ରମାଣ କରେ । ପର୍ବପର୍ବାଣି ପାଳନ ସମୟରେ ସାରାରାତି ବାଜା ବାଜୁଥାଏ । ହୋ, କୋହ୍ଲ, ମୁଣ୍ଡା, ସାନ୍ତାଳ ଜନଜାତିଙ୍କ ବାଦ୍ୟ, ନୃତ୍ୟ ଓ ସଙ୍ଗୀତ ଶୈଳୀ ସହିତ ବିର୍‌ହୋର୍ ମାନଙ୍କର ସଙ୍ଗୀତ, ବାଦ୍ୟ ଓ ନୃତ୍ୟର ସାମଞ୍ଜସ୍ୟ ଦେଖାଯାଏ । ପ୍ରତି ନୃତ୍ୟ ପରିବେଷଣ ସମୟରେ ଦଙ୍ଗ ସେରେଞ୍ଜ, ଲାଖିରୀ ସେରେଞ୍ଜ ଓ ମୁତ୍‌କାର ସେରେଞ୍ଜ ପରି ଗୀତ ଗାନ କରାଯାଏ । ଦଙ୍ଗ, ଲାଖିଣେ ଓ ମୁତ୍‌କାର ନୃତ୍ୟ ସାଧାରଣତଃ ବିବାହ ସମୟରେ ପରିବେଷିତ ହୁଏ । ସଂପ୍ରତି ହିନ୍ଦୀ ଅନୁକ୍ରମରେ ସଂଯୋଜିତ ସଙ୍ଗୀତ ପରିବେଷଣ ବିର୍‌ହୋର୍ ସାଙ୍ଗିତିକ ଜଗତକୁ ଆଚ୍ଛାଦିତ କରିବାରେ ଲାଗିଛି । ଧାର୍ମିକ ପର୍ବପର୍ବାଣି ଓ ଉତ୍ସବ ସମୂହରେ ଭକ୍ତି ସଙ୍ଗୀତ ଗାନ କରାଯାଏ ।




ପାରଂପରିକ ଭାବରେ ସେମାନେ ପରିବେଷଣ କରୁଥିବା ନୃତ୍ୟଗୁଡ଼ିକ ମଧ୍ୟରେ ଦଙ୍ଗ. ଲାଗ୍‌ଣେ, ମୁତ୍‌କାର, ଯାଦୁର୍ ଓ କରମ୍ ନୃତ୍ୟ ପ୍ରଧାନ । ଯାଦୁର୍ ନୃତ୍ୟ ପରିବେଷର ସମୟରେ ଗେନା ବାଦ୍ୟ ଓ କରମ୍ ନୃତ୍ୟ ପରିବେଷଣ ସମୟରେ ଖେମ୍‌ଟା, ଝୁମର୍ ଓ ହଂସଦା ବାଦ୍ୟ ବାଜେ ।

ନୃତ୍ୟ ଓ ସଙ୍ଗୀତ ପରିବେଷଣ ପାଇଁ ସେମାନେ ବିବିଧ ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । ସେସବୁ ମଧ୍ୟରେ ଢୋଲକ, ମାଦଳ, ଟମକ / ନାଗରା ତିରିଓ ବା ବାଉଁଶ ତିଆରି ବଂଶୀ ପ୍ରଧାନ । ବଂଶୀରେ ୩, ୫, ବା ୭ଟି ରନ୍ଧ୍ର ଥାଏ । ଗୋଟିଏ ରନ୍ଧ୍ରରେ ଓଠ ସହାୟତାରେ ବାୟୁ ସଂଚ୍ଚଳିତ କରି ଅନ୍ୟ ରନ୍ଧ୍ରଗୁଡ଼ିରେ ଆଙ୍ଗୁଠି ସଂଚ୍ଚଳନ ଦ୍ୱାରା ନିର୍ଗତ ମଧୁର ସ୍ୱର ଶ୍ରୋତାର ଶରୀର ଓ ମନରେ ନବପୁଲକ ସଂଚ୍ଚର କରେ । କେନ୍ଦେରା ବଜାଇବା ପାଇଁ ଧନୁ ଆକୃତିର ଅନ୍ୟ ଏକ ତନ୍ତୁ ଯୁକ୍ତ ସାମଗ୍ରୀରେ କେତୋଟି ଗିନି ଓ ଘୁଙ୍ଗୁର ଲାଗିଥାଏ । ଗୋଟିଏ ସରୁ ଉପରେ ଅନ୍ୟ ଏକ ସଂଚ୍ଚଳିତ ହୋଇ କୋମଳ ସ୍ୱରର ଏକ ମଧୁର ରାଗିଣୀ ଫୁଟିଉଠେ ।

ଜନ୍ମ, ବିବାହ, ଭୋଜିଭାତ, ପର୍ବପର୍ବାଣି ସହିତ ନୃତ୍ୟ ଯୋଡି ହୋଇଥାଏ । ବିର୍‌ହୋର୍ ପୁରୁଷମାନେ ବାଦ୍ୟଯନ୍ତ୍ର ବଜାନ୍ତି । ବାଦ୍ୟର ତାଳେ ତାଳେ ମହିଳାମାନେ ନାଚି ଉଠନ୍ତି ।

ବିର୍‌ହୋର୍‌ମାନେ ଗୋଷ୍ଠୀନୃତ୍ୟ ପରିବେଷଣ କରନ୍ତି । ବାଳକ, ବାଳିକା, ଯୁବକ, ଯୁବତୀ, ବୁଢ଼ା, ବୁଢ଼ୀ ସମସ୍ତେ ଏଥିରେ ଅଂଶଗ୍ରହଣ କରନ୍ତି । ନୃତ୍ୟ ପରିବେଷଣ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଓ ସମୟ ନଥାଏ । ନୃତ୍ୟରେ ଅଂଶଗ୍ରହଣ କରୁଥିବା ମହିଳାମାନେ କୌଣସି ସ୍ୱତନ୍ତ୍ର ନୃତ୍ୟ-ପୋଷାକ ପିନ୍ଧନ୍ତି ନାହିଁ । ବିର୍‌ହୋର୍‌ମାନଙ୍କ ନୃତ୍ୟ ପରିବେଷଣର ଶୈଳୀ ଏବେ ମଧ୍ୟ ଅବସର ବିନୋଦନର ଉତ୍ସ ହୋଇ ରହିଛି ।







# ପ୍ରସ୍ତାବନା

ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଠାରେ ୧୯୮୭ ମସିହାରେ ଓଡ଼ିଶା ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ ବିର୍‌ହୋର୍/ମାଙ୍କଡ଼ିଆମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଆଣିବା ଲକ୍ଷ୍ୟରେ "ପାହାଡ଼ୀ ଖଡ଼ିଆ ଓ ମାଙ୍କିଡ଼ିଆ ଉନ୍ନୟନ ସଂସ୍ଥା" ନାମରେ ଏକ ଅଣୁ-ପ୍ରକଳ୍ପ (Micro-Project) ଆରମ୍ଭ ହେଲା । ଯଶୀପୁର ବ୍ଲକର ଦୁର୍‌ଦୁରା ଓ କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ଗାଁର ୬୦ଟି ବିର୍‌ହୋର୍ ପରିବାରର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଅଣୁ-ପ୍ରକଳ୍ପ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ମିଳିତ ସହଯୋଗରେ ବହୁ ବିକାଶମୂଳକ କାର୍ଯ୍ୟ ହୋଇଛି । "ସ୍ୱୟଂ ସହାୟକ ଗୋଷ୍ଠୀ" ଗଠନ କରାଯାଇ ସାମାଜିକ ସଚେତନତା ବଢାଇବା ସହିତ ସାମାଜିକ ଓ ଅର୍ଥନୈତିକ ପ୍ରଗତିର ଦ୍ୱାର ଉନ୍ମୁକ୍ତ ରଖାଯାଇଛି । ଅଣୁ-ପ୍ରକଳ୍ପ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ପ୍ରାୟୋଜିତ ବିକାଶମୂଳକ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ବିର୍‌ହୋର୍‌ମାନେ ଆବଶ୍ୟକ ସହଯୋଗ କରୁଛନ୍ତି । ସରକାରୀ ଓ ବେସରକାରୀ ସଂସ୍ଥା ସମୂହର ମଧ୍ୟସ୍ଥତା ସଫଳ ସାବ୍ୟସ୍ତ ହୋଇଛି । ଏହାର ପ୍ରଭାବରେ ଅନେକ ବିର୍‌ହୋର୍ ଦାରିଦ୍ର୍ୟର ସୀମାରେଖା ଉପରକୁ ଉଠିଛନ୍ତି । ସଚେତନଶୀଳ ବିର୍‌ହୋର୍‌ମାନେ କ୍ରମଶଃ ସାକ୍ଷର ହେବା ସହିତ ଶିକ୍ଷାର ଗୁରୁତ୍ୱ ହୃଦୟଙ୍ଗମ କରି ସେମାନଙ୍କ ପିଲାମାନଙ୍କୁ ସ୍କୁଲକୁ ପଠାଇଲେଣି । ନୂଆ ନୂଆ ବ୍ୟବସାୟରେ ହାତ ଦେଲେଣି । କେତେକ ବିର୍‌ହୋର୍ ଟ୍ରାକ୍ଟର ଚାଳକ ଭାବରେ କାମ କରୁଛନ୍ତି । ଭ୍ରମଣଶୀଳ ଯାଯାବରୀ ଜୀବନଧାରାକୁ ଛାଡି ସେମାନେ ଏବେ ସ୍ଥାୟୀଭାବରେ ବସବାସ କରିବା ଶିଖିଲେଣି ।














ବିର୍‌ହୋର୍‌ମାନଙ୍କ ଉନ୍ନୟନ ନିମନ୍ତେ ଉଦ୍ଦିଷ୍ଟ ଅଣୁ-ପ୍ରକଳ୍ପ (Micro-Project)ର ସୀମା ବାହାରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଆହୁରି ୨୦୯ ବିର୍‌ହୋର୍ ପରିବାର ରହୁଛନ୍ତି । ସରକାରଙ୍କ ଠାରୁ ମିଳୁଥିବା ସାହାଯ୍ୟ ସହଯୋଗ ପ୍ରତି ସେମାନେ ସଚେତନ ଅଛନ୍ତି । ଜୀବନଜୀବିକା କ୍ଷେତ୍ରରେ ସେମାନଙ୍କ ଆବଶ୍ୟକତାକୁ ଭିତ୍ତି କରି ଯେତିକି ସହାୟତା ସେମାନଙ୍କ ନିକଟରେ ପହଞ୍ଚିବା କଥା ବାସ୍ତବ କ୍ଷେତ୍ରରେ ତାହା ହୁଏ ନାହିଁ । ତଥାପି ବାଲେଶ୍ୱର ଓ ମୟୂରଭଂଜ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ କେତେକ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିର୍‌ହୋର୍‌ମାନଙ୍କ ସାମାଜିକ ଚଳଣି ଓ ସ୍ଥିତାବସ୍ଥାରେ ଉନ୍ନତି ଆଣିବା ଲକ୍ଷ୍ୟରେ ଆବଶ୍ୟକ ସହଯୋଗ କରୁଛନ୍ତି । ବାସଗୃହ, ପୁଷ୍ଟିକର ଖାଦ୍ୟ ଓ ଶିକ୍ଷା ପରି ମୌଳିକ ଆବଶ୍ୟକତାର ପରିପୂରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରାଯାଉଛି । ଏ ଦିଗରେ ମୟୂରଭଞ୍ଜ ଜିଲ୍ଲାର ସ୍ୱେଚ୍ଛାସେବୀ ସଂସ୍ଥା "ଅନ୍ୱେଷଣ"ର ପ୍ରଚେଷ୍ଟା ବେଶ୍ ପ୍ରଶଂସନୀୟ ।

ବିର୍‌ହୋର୍ ଜନଜାତିଙ୍କ ପାଇଁ ଖାଦ୍ୟ ନିରାପତ୍ତାର ବ୍ୟବସ୍ଥା କରି ସେମାନଙ୍କୁ ସୁସ୍ଥ ରଖିବା ସହିତ ମୃତ୍ୟୁହାର କମାଇବା ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଅନ୍ୱେଷଣ"ର ସହାୟତାରେ ଓଉପଦା ବ୍ଲକର କୁସୁଡ଼ିହା ଗାଁରେ ଗୋଟିଏ "ଶସ୍ୟଭଣ୍ଡାର" କରାଯାଇଛି । ଗୃହ ନିର୍ମାଣ ପାଇଁ "ଅନ୍ୱେଷଣ" ସଂସ୍ଥା ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦେଇଛି । ବିର୍‌ହୋର୍‌ମାନେ ଶ୍ରମଦାନ କରି "ଶସ୍ୟଗୋଦାମ" ତୋଳିଛନ୍ତି । ତିରୋଟ ସମୟରେ ଲୋକମାନେ ଶସ୍ୟଗୋଦାମରୁ ଶସ୍ୟ ପାଇବାର ବ୍ୟବସ୍ଥା ରହିଛି । ଶସ୍ୟଗୋଦାମରେ ଖାଦ୍ୟଶସ୍ୟ ଗଚ୍ଛିତ ରହିବା ସହିତ ଏଠାରେ ପ୍ରାକ୍-ପ୍ରାଥମିକ ଶିକ୍ଷା, ଦଉଡ଼ିବଳା ସରଞ୍ଜାମ ଓ କଞ୍ଚାମାଲ ଆଦି ରଖିବାର ସୁବିଧା ରହିଛି । ବର୍ଷା ସମୟରେ ଏଠାରେ ସାମୟିକ ଆଶ୍ରୟ ନେବାର ବନ୍ଦୋବସ୍ତ ମଧ୍ୟ କରାଯାଇଛି । ମୋଟ ଉପରେ ଶସ୍ୟ ଗୋଦାମ (Grain Bank) ର ବହୁମୁଖୀ ଉପଯୋଗ









ଦ୍ୱାରା ବିର୍‌ହୋର୍‌ମାନେ ଢେର୍ ଉପକୃତ ହେଉଛନ୍ତି । ବେଳେବେଳେ ଏହା ମଧ୍ୟ "ଯୁବାଆବାସସ୍ଥଳୀ" ଭାବରେ ବ୍ୟବହୃତ ହୁଏ । କର୍ମ କୌଶଳ ଓ ଦକ୍ଷତା ବୃଦ୍ଧି ପାଇଁ ଏଠାରେ ବିର୍‌ହୋର୍‌ମାନଙ୍କୁ ପ୍ରଶିକ୍ଷିତ କରାଯାଏ । ସେମାନେ ଏହି କେନ୍ଦ୍ରର ହସ୍ତଚାଳିତ ଯନ୍ତ୍ର ସାହାଯ୍ୟରେ ସବାଇଘାସରୁ ଦଉଡି ପ୍ରସ୍ତୁତ କରିବାର କଳା ଓ କୌଶଳ ଶିଖି ପାରିଛନ୍ତି ।

ପୁଷ୍ଟିକର ଖାଦ୍ୟର ଅଭାବକୁ ମୁକାବିଲା କରିବା ଓ ମେଣ୍ଟାଇବା ପାଇଁ ଘର ପଛପଟ "ବାଡ଼ି ବଗିଚା"ରେ ପନିପରିବା ଚାଷ କରିବା ପାଇଁ ସହାୟତା ଦିଆଯାଉଛି । ଅମୃତଭଣ୍ଡା, କଦଳୀ, ସଜନାଛୁଇଁ ଆଦି ଫଳ ଗଛ, ଲଙ୍କା, କଖାରୁ, ପୋଇ, ମୂଳା ଆଦି ପନିପରିବା, ପାଳଙ୍ଗ, ମେଥି ଆଦି ଶାଗ ମଞ୍ଜି ବିର୍‌ହଲ୍ ମାନଙ୍କୁ ବଣ୍ଟାଯାଉଛି । ଏ ଦିଗରେ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା ରହିଛି । ଫଳତଃ ପନିପରିବା ଚାଷ କରି ସେମାନେ ପୁଷ୍ଟିକର ଖାଦ୍ୟ ପାଉଛନ୍ତି । ବଳକା ପନିପରିବା, ଶାଗ, ଫଳ ଆଦିକୁ ବଜାରରେ ବିକ୍ରିବଟା କରି କିଛି ଅର୍ଥ ଉପାର୍ଜନ କରୁଛନ୍ତି ।

ସ୍ଥାନୀୟ କୃଷକ ଓ କୃଷି ସଂସ୍କୃତି ସହିତ ସଂପର୍କ ଓ ଭାବର ଆଦାନ ପ୍ରଦାନ ହେବା ଫଳରେ ବିର୍‌ହୋର୍‌ମାନେ ଧାନଚାଷର କୌଶଳ ଶିଖିଲେଣି । ଏବେ ସେମାନଙ୍କ ମଧ୍ୟରୁ କେତେକ ଭାଗରେ ଧାନଚାଷ ଆରମ୍ଭ କଲେଣି । ବିର୍‌ହୋର୍‌ମାନେ ଏବେ ଭାଗଚାଷୀ ଭାବରେ ଧାନ ଫସଲ କରୁଛନ୍ତି ।

ଉନ୍ନୟନମୂଳକ ସହାୟତା ବଳରେ ବିର୍‌ହୋର୍‌ମାନେ ପୂର୍ବପରି ଏବେ ଆଉ ଅନ୍ୟ ଲୋକମାନଙ୍କ ଅର୍ଥନୈତିକ ଶୋଷଣର ଶିକାର ହେଉନାହାଁନ୍ତି । ସଠିକ୍ ମାପ, ଓଜନ ଓ ଦାମ୍ ବିନିମୟରେ ଲୋକମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବଳକା ଦ୍ରବ୍ୟକୁ ଶସ୍ୟଗୋଦାମରେ ବିକ୍ରିକରି ଉପଯୁକ୍ତ ମୂଲ୍ୟ ପାଉଛନ୍ତି । ଏହା ମଧ୍ୟ ସେମାନଙ୍କୁ ଦଉଡି ପ୍ରସ୍ତୁତ କରିବା କାର୍ଯ୍ୟରେ ସହାୟତା ପ୍ରଦାନ କରୁଛି ।



ବିର୍‌ହୋର୍‌ମାନଙ୍କୁ ବିଭିନ୍ନ ପ୍ରତିଷେଧମୂଳକ ଟୀକା ପ୍ରଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ପୁଷ୍ଟିକର ଖାଦ୍ୟଯୋଗାଣ ଆଦି ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ମାନ କରାଯାଉଛି । ଆଗକାଳରେ ଲୋକମାନେ ଗର୍ଭବତୀ ମହିଳା ନବଜାତ ଶିଶୁର ଡାକ୍ତରୀ ଚିକିତ୍ସାକୁ ପସନ୍ଦ କରୁନଥିଲେ । ଏବେ ସ୍ୱାସ୍ଥ୍ୟ ଓ ପୁଷ୍ଟିମୂଳକ ଯୋଜନାକୁ ଆନନ୍ଦରେ ଗ୍ରହଣ କରୁଛନ୍ତି । ଅଧିକାଂଶ ବିର୍‌ହୋର୍ ପୁଅ-ଝିଅ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆବାସିକ ସେବାଶ୍ରମରେ ନାମ ଲେଖାଇ ମୁକ୍ତ ଆନୁଷ୍ଠାନିକ ଶିକ୍ଷାର ସୁଯୋଗ ନେଉଛନ୍ତି ।



ବାୟା ମାଙ୍କଡ଼ିଆ ବିର୍‌ହୋର୍ ଟାଣ୍ଡାର ପ୍ରଥମ ମାଟ୍ରିକ ପାଶ୍ ଛାତ୍ର । ତାଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ଦିଆଯାଉଛି । ଭବିଷ୍ୟତରେ ସେ ଜଣେ ଶିକ୍ଷକ ହେବାର ସ୍ୱପ୍ନ ରଖିଛନ୍ତି ।





ପାଠପଢ଼ି ଶିକ୍ଷିତ ହୋଇ ଶିକ୍ଷକତା କରିବା ସହିତ ନିଜ ଭାଇ ଭଉଣୀଙ୍କୁ ଓ ନିଜ ଗୋଷ୍ଠୀର ଲୋକମାନଙ୍କୁ ପାଠ ପଢ଼ାଇ ଶିକ୍ଷିତ ଓ ସାମର୍ଥ କରିବା ତାଙ୍କର ଲକ୍ଷ୍ୟ ।



ବିର୍‌ହୋର୍‌ମାନଙ୍କ କୁମ୍ଭା ପତ୍ର କୁଡ଼ିଆର ପାରଂପରିକ ନିର୍ମାଣ କୌଶଳରେ ପରିବର୍ତ୍ତନ ହୋଇଛି । ଆଗରୁ ଗୋଲାକାର କୁମ୍ଭ କରୁଥିଲେ । ଏବେ ଆୟତାକାର କୁମ୍ଭା କରୁଛନ୍ତି । ଆଗେ ପତ୍ରରେ ଛପର ହେଉଥିଲା । ଏବେ ଛଣରେ ଛପର ହେଉଛି । ଛପର ପରି ଘରର କାନ୍ଥ ନିର୍ମାଣ ଶୈଳୀ ମଧ୍ୟ ବଦଳିଛି । ସେମାନେ ଆଧୁନିକ କୃଷି ପ୍ରଣାଳୀକୁ ଗ୍ରହଣ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଧର୍ମୀୟ ଜୀବନ ଦ୍ୱାରା ବିର୍‌ହୋର୍‌ମାନେ କ୍ରମଶଃ ପ୍ରଭାବିତ ହେଲେଣି । ଧୀରେ ଧୀରେ ସେମାନଙ୍କ ଜୀବନଶୈଳୀ ସହିତ ନିଜ ଜୀବନଶୈଳୀକୁ ମିଶାଇବାକୁ ଚେଷ୍ଟା ଚଳାଇଛନ୍ତି । ପାରଂପରିକ ବ୍ୟବସ୍ଥାରେ ପୁଷ୍ଟ ଜନଜାତି ଏବେ  କୃଷି ଜନଜାତିକୁ ରୂପାନ୍ତରିତ ହେବାକୁ ଯାଉଛି ।



ବିର୍‌ହୋର୍‌ମାନଙ୍କ ସାମାଜିକ ଅର୍ଥନୈତିକ ବିକାଶ ଲକ୍ଷ୍ୟରେ ସରକାରୀ ଓ ବେସରକାରୀ ସ୍ୱେଚ୍ଛାସେବୀ ସଙ୍ଗଠନ ସମୂହ ଦ୍ୱାରା କାର୍ଯ୍ୟକାରୀ ବିବିଧ ବିକାଶମୂଳକ ସହାୟତା ସତ୍ତ୍ୱେ ଏବେ ମଧ୍ୟ ଅଧିକାଂଶ ବିର୍‌ହୋର୍ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି । ସେମାନଙ୍କୁ ଦିଆଯାଉଥିବା ସାହାଯ୍ୟ ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିପାରିନାହିଁ । ଅର୍ଦ୍ଧ ଭ୍ରମଣଶୀଳ ବିର୍‌ହୋର୍‌ମାନଙ୍କ ସାମାଜିକ ସମସ୍ୟାର ସମାଧାନ ଦିଗରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମୂହର ମିଳିତ ସହଯୋଗ ଆବଶ୍ୟକ । ଏହାଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ ।










# ପୃଷ୍ଠଭୂମି

ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମୀତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସଂନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**
ସଦସ୍ୟ ସଚିବ






**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ କନ୍ସଲଟାନ୍ସି